# ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, କଳାହାଣ୍ଡି

ସଂଖ୍ୟା. 5934 / ତାରିଖ- 08/12/25

## ସର୍ବସାଧାରଣ ନୋଟିସ

ଏତଦ୍ୱାରା କଳାହାଣ୍ଡି ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଯେଉଁ କ୍ଷୁଦ୍ର ଜମାକାରୀମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ତାଲିକା ଯଥା ମାନ୍ୟବର ତଦନ୍ତ କମିଶନ ଦ୍ୱାରା ସୁପାରିଶ ଏବଂ ଗୋଲ୍ଡେନ ଲାଣ୍ଡ ଡେଭେଲପର ଗୃପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ ବିଭିନ୍ନ କାରଣ ବଶତଃ ଏଯାବତ କ୍ଷତିପୂରଣ ପାଇନାହାନ୍ତି, ସେମାନେ କଳାହାଣ୍ଡି ଜିଲ୍ଲା ସରକାରୀ ୱେବସାଇଟ **https://kalahandi.odisha.gov.in/** ରେ ନିଜ ନାମକୁ ଯାଞ୍ଚ କରି ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ ସହିତ ଯୋଗାଯୋଗ କରି ନିଜ ଦରଖାସ୍ତର ସ୍ଥିତି ଜାଣିବା ନିମନ୍ତେ ଅନୁରୋଧ କରାଯାଉଅଛି ।

ରାଜସ୍ୱ ନିରୀକ୍ଷକ ଙ୍କ ନିକଟକୁ ସାକ୍ଷାତ କରିଯିବା ସମୟରେ ନିମ୍ନ ଲିଖତ ଦସ୍ତାବିଜ ଗୁଡିକ ସାଙ୍ଗରେ ଆଣିବା ବିଧେୟ ।

(୧) ଯେ କୌଣସି ପ୍ରମାଣ ପତ୍ର (ଆଧାର କାର୍ଡ/ଭୋଟର ପରିଚୟ ପତ୍ର / ଡ୍ରାଇଭିଂ ଲାଇସେନ୍ସ ଇତ୍ୟାଦି)

(୨) ଚିଟ ଫଣ୍ଡ କମ୍ପାନୀ ରେ ଟଙ୍କା ଜମା ରଖୁଥିବା ର ପ୍ରମାଣ ସ୍ୱରୂପ ଅସଲି ରସିଦ (original money receipts).

(୩) ବ୍ୟାଙ୍କ ଖାତା ର ସବିଶେଷ ବିବରଣୀ (କେବଳ ତଦନ୍ତ କମିଶନ ନିମନ୍ତେ ପ୍ରଯୁଜ୍ୟ)

ମାନ୍ୟବର ତଦନ୍ତ କମିଶନଙ୍କ ଦ୍ୱାରା ସୁପାରିଶ ହୋଇଥିବା ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏଥିସହିତ ପରିଶିଷ୍ଟ -"କ' ରେ ସଂଲଗ୍ନ କରାଗଲା ।

ଗୋଲ୍ଡେନ ଲାଣ୍ଡ ଡେଭେଲପର ଗୃପ ଅଫ କମ୍ପାନିଜ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ଯୋଗ୍ୟ କ୍ଷୁଦ୍ର ଜମାକାରୀ ମାନଙ୍କ ତାଲିକା ଏଥିସହିତ ପରିଶିଷ୍ଟ-'ଖ" ରେ ସଂଲଗ୍ନ କରାଗଲା ।

ସଂଲଗ୍ନକ:- ପରିଶିଷ୍ଟ-"କ" ଓ "ଖ"

(Signature) 08/12/2025

ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି –ତଥା-
ନୋଡାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା. 5935 /ରାଜସ୍ୱ ତାରିଖ 08/12/25

ଏହାର ଏକ କିତା ନକଲ ଅତିରିକ୍ତ ଶାସନ ସଚିବ, ଅର୍ଥ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା

(Signature) 08/12/2025

ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି –ତଥା-
ନୋଡାଲ ଅଧିକାରୀ, ଓ.ପି.ଆଇ.ଡି

ଜ୍ଞାପକ ସଂଖ୍ୟା. 5936 /ରାଜସ୍ୱ ତାରିଖ 08/12/25

ଏହାର ଏକ କିତା ନକଲ ଜିଲ୍ଲାର ସମସ୍ତ ଉପ-ଜିଲ୍ଲାପାଳ/ ସମସ୍ତ ତହସିଲଦାର ମାନଙ୍କ ଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ, କଳାହାଣ୍ଡି ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

08/12/2025

**ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି –ତଥା-**
**ନୋଡାଲ ଅଧିକାରୀ, ଓ.ପି.ଆଇ.ଡି**

ଜ୍ଞାପକ ସଂଖ୍ୟା. 5937 /ରାଜସ୍ୱ ତାରିଖ 08/12/25

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, କଳାହାଣ୍ଡି ଙ୍କ ଅବଗତି ଏବଂ ଉକ୍ତ ସାର୍ବସାଧାରଣ ନୋଟିସ କୁ କଳାହାଣ୍ଡି ଜିଲ୍ଲା ସରକାରୀ ୱେବସାଇଟ **https://kalahandi.odisha.gov.in/** ରେ କଳାହାଣ୍ଡି ଜିଲ୍ଲାର ସର୍ବସାଧାରଣଙ୍କ ଅବଗତି ନିମନ୍ତେ "ୱେବସାଇଟ୍ ହୋଷ୍ଟିଙ୍ଗ" କରିବାକୁ ଅନୁରୋଧ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲା ଇ-ଗଭରନାନ୍ସ ପରିଚାଳକ, କଳାହାଣ୍ଡି ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି –ତଥା-**
**ନୋଡାଲ ଅଧିକାରୀ, ଓ.ପି.ଆଇ.ଡି**

ଜ୍ଞାପକ ସଂଖ୍ୟା. 5938 /ରାଜସ୍ୱ ତାରିଖ 08/12/25

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, କଳାହାଣ୍ଡି/ଷ୍ଟେସନ ନିର୍ଦ୍ଦେଶକ, ଆକାଶବାଣୀ, କଳାହାଣ୍ଡି ଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ ଙ୍କୁ ଜିଲ୍ଲାପାଳ, କଳାହାଣ୍ଡି ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

**ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି –ତଥା-**
**ନୋଡାଲ ଅଧିକାରୀ, ଓ.ପି.ଆଇ.ଡି**